**ବାଣୀବିରି ଘାଟି ନିକଟରୁ ମୃତଦେହ ଜବତ**

**ଦଶପଲ୍ଲା, (ଡି.ଏନ୍.ଏ.)**-ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ନିକଟସ୍ଥ ବାଣୀବିରି ଘାଟି ନିକଟରୁ ପୋଲିସ ଏକ ମୃତଦେହ ଜବତ କରିଛି। ମୃତକ ଜଣେ ମାନସିକ ରୋଗୀ ବୋଲି ସନ୍ଦେହ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିଚୟ ଖୋଜିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ଏ ନେଇ ବାଣିଗୋଛା ଥାନାରେ ଏକ ମାମଲା(ନଂ.୧/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।



## ସଂକ୍ଷେପରେ

### ୧୫ ଏକରରୁ ଉର୍ଦ୍ଧ୍ୱ ଆଖୁ କିଆରି ଜଳିଗଲା

**ବାଲିଆ,୨ା୧:** ବିରିଡି ତହସିଲ ଅନ୍ତର୍ଗତ ବରିପଦା ଓ ଅଢଙ୍ଗ ହେଟାମାଳ ଗହିରରେ ଶୁକ୍ରବାର ୧୫ ଏକରରୁ ଉର୍ଦ୍ଧ୍ୱ ଆଖୁ କିଆରୀ ଜଳିଯାଇଛି। ଏଥିରେ କୈଳାସ ମହାନ୍ତି, ସୁଧିର ମହାନ୍ତି, ସୁନିଲ ମହାନ୍ତି, ସୁବାସ ବିଶ୍ୱାଳ, ସାରଦା ପ୍ରସାଦ ଓଡା ଓ ସାଧୁ ଚରଣ ସେଠୀଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। କୌଣସି ଦୁର୍ବୃତ୍ତ ଜାଣିଶୁଣି ଆଖୁ କିଆରୀରେ ନିଆଁ ଲଗାଇ ଦେଇଥିବା ନେଇ ବିପନ୍ନ ପରିବାର ଲୋକେ ବିରିଡ଼ି ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଖବରପାଇ ବିରିଡି ଓ ରଘୁନାଥପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

**କୁଜଙ୍ଗ,୨ା୧(ଡି.ଏନ୍.ଏ.):** କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସୁନ୍ଦରମଣି ନାଥଙ୍କ ପୁଅ ବାବାଜି ନାଥ (୫୩) ଶନିବାର ଅପରାହ୍ନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ରଶିରେ ଝୁଲିପଡ଼ିଥିଲେ। ପରିବାର ସଦସ୍ୟ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାବାଜିଙ୍କୁ ମୃତ ଘୋଷଣା କରିଛନ୍ତି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କଲେ ଯୁବଗୋଷ୍ଠୀ

**ରାଜନଗର,୨ା୧(ଡି.ଏନ.ଏ.):** ରାଜନଗରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ରାସ୍ତାକୁ ଶୁକ୍ରବାର ସଫେଇ କରାଯାଇଛି। ମା'ଶାରଳା ହେଲ୍ପ ଫାଉଣ୍ଡେଶନର ସଦସ୍ୟମାନେ ନୂଆବର୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଅଳିଆ ଆବର୍ଜନା ସଫା କରି ପୋଡିଥିଲେ। ସଙ୍ଗଠନର ଏହି କାର୍ଯ୍ୟକୁ ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ମହାନ୍ତି ପ୍ରଶଂସା କରିଛନ୍ତି। ସଙ୍ଗଠନ ପକ୍ଷରୁ ସରୋଜ କୁମାର ଦାସ, ପରମେଶ୍ୱର ବାରିକ, ସୁରେନ୍ଦ୍ର ବିଶ୍ୱାଳ, କୈବଲ୍ୟ ପ୍ରଧାନ, କମଳାକ୍ଷ ରାଉତ, ସଞ୍ଜିତ ସାହୁ, ସତ୍ୟରାଜ ମହାନ୍ତି, ବିଶ୍ୱଜିତ ଦାସ, ଅରବିନ୍ଦ ବିଶ୍ୱାଳ, ସହଦେବ ରାଉତ ପ୍ରମୁଖ ଏହି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

### ୨୦ ଦିବ୍ୟାଙ୍ଗଙ୍କୁ ଭତ୍ତା ବାଣ୍ଟିଲେ ଅବସରପ୍ରାପ୍ତ କର୍ମଚାରୀ

**ରାଜନଗର,୨ା୧(ଡି.ଏନ.ଏ.):** ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁର ଅବସରପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ରଘୁନାଥ ବେହେରା ଶୁକ୍ରବାର ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର ବିଭିନ୍ନ ଗାଁର ୨୦ଜଣ ଦିବ୍ୟାଙ୍ଗଙ୍କୁ ୨ଶହ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରିଛନ୍ତି। ପ୍ରତି ମାସରେ ସେ ଦିବ୍ୟାଙ୍ଗମାନଙ୍କୁ ୨ଶହ ଟଙ୍କା ଲେଖାଏ ପ୍ରଦାନ କରିବେ। ଆଗାମୀ ଦିନରେ ଅଧିକ ଦିବ୍ୟାଙ୍ଗଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଯୁବନେତା ସୁମନ୍ତ ସ୍ୱାଇଁ, ରମାକାନ୍ତ ବାରିକ, ସୁବାସ ଚନ୍ଦ୍ର ବେହେରା, କପିଳେନ୍ଦ୍ର ସ୍ୱାଇଁ, ବ୍ରଜ ସୁନ୍ଦର ବେହେରା, ରାମଚନ୍ଦ୍ର ବେହେରା, ଶରତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

### ଏଟିଏମ୍ ଭାଙ୍ଗିଲେ ଲୁଟେରା

**ବରୀ,୨ା୧(ଡି.ଏନ.ଏ.):** ବରୀ ବ୍ଲକ ଅଧୀନ ରାମଚନ୍ଦ୍ରପୁର ଗ୍ରାମ୍ୟ ବ୍ୟାଙ୍କ ଶାଖାର ଏଟିଏମ୍‌କୁ ଶୁକ୍ରବାର ରାତିରେ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ହେଲେ ଟଙ୍କା ଲୁଟ୍ କରିବାରେ ସକ୍ଷମ ହୋଇନାହାନ୍ତି। ଏହି ଏଟିଏମ୍‌ଟି ବ୍ୟାଙ୍କ୍ ସମ୍ମୁଖରେ ଥିବା ବେଳେ ଏହାର ବିପରୀତ ପାର୍ଶ୍ୱରେ ରହିଛି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏଟିଏମ୍‌ରେ କ୍ୟାମେରା ଲାଗିଥିଲା। ସେହିପରି ଏଠାରେ ଥିବା ଭାବନୀ ପାଥୋ ଲ୍ୟାବ୍‌ର ମଧ୍ୟ ସିସି ଟିଭିକ୍ୟାମେରା ଲାଗିଛି। ମୋଟ୍ ୫ଟି ସିସି ଟିଭି ଲାଗିଥିବାବେଳେ ଦୁର୍ବୃତ୍ତ ଏଟିଏମ ଭାଙ୍ଗି ଲୁଟ୍ ଉଦ୍ୟମ କରିଛନ୍ତି। ତେବେ ଏହି ଘଟଣା ପଛରେ ଏଟିଏମ୍ ଲୁଟେରାଙ୍କ ହାତଥିବା ଅନୁମାନ କରାଯାଉଛି। ବ୍ୟାଙ୍କ ଶାଖା ପରିଚାଳକଙ୍କ ଅଭିଯୋଗକ୍ରମେ ବରୀ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# କୋଣାର୍କ ଝୋଟକଳ ଅଲୋଡ଼ା

- ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରହସନ
- ଉତ୍ତର ରଖି ପାରୁନି ବିଭାଗ
- ଦୁର୍ଦ୍ଦିନରେ ୨୬ଶହ ଶ୍ରମିକ, କର୍ମଚାରୀ

**ଯାଜପୁର ଅଫିସ,୨ା୧**

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ୪ ସାଧାରଣ ଉଦ୍ୟୋଗ ଶିଳ୍ପର ଉତ୍ପାଦନ ବନ୍ଦ ରହିଛି। ସେହି ୪ ଶିଳ୍ପ ହେଲା ଚୌଦ୍ୱାରର ଓଡିଶା ଟେକ୍ସଟାଇଲ ମିଲ, ଝାରସୁଗୁଡ଼ାର ଭାସ୍କର ଟେକ୍ସଟାଇଲ ମିଲ୍ସ ଲିଃ, ଭୁବନେଶ୍ୱର ଓଡିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିଃ ଏବଂ ବାରିପଦାର ନିଉ ମୟୁରଭଞ୍ଜ ଟେକ୍ସଟାଇଲ ମିଲ୍ସ। ଗତ ଅକ୍ଟୋବରରେ ବଡଚଣା ବିଧାୟକ ଅମରପ୍ରସାଦ ଶତପଥୀଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ଶୀର୍ଷକ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ଉପରୋକ୍ତ ଉତ୍ତର ଦିଆଯାଇଛି। ତେବେ ଏହି ଶୀର୍ଷକରେ ଯାଜପୁର ଜିଲା ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟକଳ ଭଳି ରୁଗ୍‌ଣ ଉଦ୍ୟୋଗର ପୁନଃରୁଦ୍ଧାର ଓ ନିଯୁକ୍ତି ସୁଯୋଗ ସୃଷ୍ଟି ସହ କେବେ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଶ୍ନର ଉତ୍ତର ଦେବାରେ ସରକାର ବିଫଳ ହୋଇଛନ୍ତି। କେବଳ ଓଡିଶା ଟେକ୍ସଟାଇଲ ମିଲର ସଂକ୍ରାନ୍ତ ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା ଉତ୍ତରରେ ଦର୍ଶାଯାଇଥିଲା । କୋଣାର୍କ ଝୋଟକଳ ପୁନଃରୁଦ୍ଧାର ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। କୃଷି ଭିତ୍ତିକ ସମବାୟ ଶିଳ୍ପ ପ୍ରତି ସରକାର ଅବହେଳା କରି ଖଣିଜ ସମ୍ପଦ ଭିତ୍ତିକ ଶିଳ୍ପାୟନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ମନେ ହେଉଛି।



କୋଣାର୍କ ଝୋଟକଳ କାର୍ଯ୍ୟାଳୟ।

୧୯୭୫ ମସିହା ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ କୋଣାର୍କ ଝୋଟକଳ ପ୍ରତିଷ୍ଠା ପାଇଁ ଶୁଭ ଦିଆଯାଇଥିଲା। ଏହାପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୮ କୋଟି ଟଙ୍କା ବ୍ୟୟରେ ଝୋଟକଳ ପ୍ରତିଷ୍ଠା ହୋଇଥିଲା। ୧୯୭୯ ମସିହାରେ ତତ୍କାଳୀନ ଇସ୍ପାତ୍ ଓ ଖଣି ମନ୍ତ୍ରୀ ବିଜୁ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ଏହି କାରଖାନାରେ ମଧ୍ୟ କର୍ମଚାରୀ, କୁଶଳୀ ଓ ଅଣକୁଶଳୀ ଶ୍ରମିକ ନିଯୁକ୍ତିରେ ଅଣଓଡିଆଙ୍କୁ ଅଗ୍ରାଧିକାର ଦିଆଯାଇଥିଲା। କାରଖାନାରେ କାର୍ଯ୍ୟରତ ପ୍ରାୟ ୨୬୦୦ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରୁ ୧୨୦୦ ଜଣଙ୍କୁ ସ୍ଥାୟୀ କରାଯାଇଥିଲା। ଏହାସହ ୯୦୦ ବଦଳି ଶ୍ରମିକ କାମ କରୁଥିଲେ। କାରଖାନାରୁ ୧୩,୨୪୦ ମେଟ୍ରିକ ଟନ୍ ବିଭିନ୍ନ ଅଖା ଉତ୍ପାଦନ ହେଉଥିଲା। ତେବେ କାରଖାନା ଆରମ୍ଭରୁ ୧୨ ବର୍ଷ ପର୍ଯ୍ୟନ୍ତ କ୍ଷତିରେ ଚାଲିଥିଲା। ୧୯୯୧ରେ ତତ୍କାଳୀନ ବିଧାୟକ ଅମରପ୍ରସାଦ ଶତପଥୀଙ୍କ ଉଦ୍ୟମରେ ଉନ୍ନତମାନର ଅଖା କପଡା (ହାସିଆନ) ପ୍ରଥମେ ଉତ୍ପାଦନ ହୋଇଥିଲା। ଏହାପରେ ୧୯୯୪ ପର୍ଯ୍ୟନ୍ତ କ୍ଷତି ପରିବର୍ତ୍ତେ ଲାଭରେ କାରଖାନା ଚାଲିଲା। ଏହାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନବୀକରଣ ପାଇଁ ୮ କୋଟି ଟଙ୍କା ମଞ୍ଜୁର କରିଥିଲେ। ନବୀକରଣ ନାମରେ ଲକ୍ଷାଧିକ ଟଙ୍କା ସେତେବେଳେ ଆତ୍ମସାତ କରାଯାଇଥିଲା ବୋଲି ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଝୋଟକଳ ପାଇଁ ସେତେବେଳେ ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁରରେ ପ୍ରଚୁର ପରିମାଣରେ ଝୋଟ ଚାଷ ହେଉଥିଲା। କିନ୍ତୁ ସେତେବେଳେ ସ୍ଥାନୀୟ ଝୋଟକୁ ନିମ୍ନମାନର ବୋଲି ଦର୍ଶାଇ ୪୫୦ କିମି ଦୂର କୋଲକୋତାରୁ ତୋଷା ଓ ସାଜା ନାମକ ଝୋଟ କିଣାଯାଉଥିଲା। ଏଥିଯୋଗୁ କାରଖାନା ପୁଣି ବିପୁଳ ପରିମାଣ କ୍ଷତିରେ ଚାଲିଲା। ସ୍ଥାନୀୟ ଚାଷୀ ଝୋଟ ଚାଷ ପାଇଁ ଆଉ ଆଗ୍ରହ ପ୍ରକାଶ କଲେନାହିଁ। ଏଥିଯୋଗୁ ୨୦୦୧ ବେଳକୁ କାରଖାନା ପାଇଁ କଞ୍ଚାମାଲ ଝୋଟ ଅଭାବ ଦେଖାଦେଲା। ଏହିକ୍ରମରେ ୨୦୦୧ ମେ ରେ କାରଖାନା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଗଲା। କିଛି ମାସ ପରେ କାରଖାନା ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ପୁଣି କ୍ଷତି ଦର୍ଶାଇ କମ୍ପାନୀକୁ ସନାତନ କମର୍ସିଆଲ ହାତରେ ଟେକିଦେଇ ଘରୋଇକରଣ କରାଯାଇଥିଲା। ଏହି ଘରୋଇ କମ୍ପାନୀ ମଧ୍ୟ ଠିକ୍ ଭାବେ ଚଳାଇ ନ ପାରି ରାତିଅଧିଆ ଫେରାର ହୋଇଯାଇଥିଲା।

୨୦୧୨ରେ ଏହି ଝୋଟକଳରେ କାର୍ଯ୍ୟରତ ୧୩୦୦ ନିୟମିତ କର୍ମଚାରୀମାନଙ୍କୁ ଦରମା ନ ଦେଇ ଭିଆରଏସ୍ ନେବାକୁ କୁହାଯାଇଥିଲା। ଏବେ ସୁଦ୍ଧା ସେହି କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ତାଙ୍କର ପ୍ରାପ୍ୟ ନ ପାଇ ଆର୍ଥିକ ଅନଟନର ଶିକାର ହୋଇଛନ୍ତି। ନିୟମିତ କର୍ମଚାରୀ ରବୀନ୍ଦ୍ର ମଲ୍ଲିକ, ବଳରାମ ସ୍ୱାଇଁ, ପ୍ରଭାକର ପ୍ରହରାଜ, ବିଷ୍ଣୁଚରଣ ମହାନ୍ତି, ଅନାମଚରଣ ଲେଙ୍କା, ରମାକାନ୍ତ ବେହେରା, ସେକ ରହିମତ, ଆୟୁବ ଖାଁ, ଅଶୋକ ଧଳ, ବ୍ରହ୍ମାନନ୍ଦ ସାହୁ, କାଳିଚରଣ ଟୁଡୁ, ରାମଚନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି ସେମାନେ ଗ୍ରାଚ୍ୟୁଇଟି ପାଇ ନାହାନ୍ତି। ଏନେଇ ସେମାନେ ବାରମ୍ବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଛନ୍ତି। ବିଭିନ୍ନ ସମୟରେ ଲୋକ ପ୍ରତିନିଧିମାନେ ଏହି କାରଖାନାକୁ ଚଳାଇବାକୁ ଉଦ୍ୟମ କରିବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ପରବର୍ତ୍ତି ସମୟରେ କିଛି ସୁଫଳ ମିଳୁନାହିଁ। ତେଣୁ ଏହି କାରଖାନାକୁ ପୁଣି କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି।

### ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଯୋଜନା

**କେନ୍ଦ୍ରାପଡ଼ା ଅଫିସ,୨ା୧**

ଜାତି ଜାଲିଆତି ଓ ଜଙ୍ଗଲ ଜମିକୁ ସ୍ୱତ୍ୱବାନ ପଟ୍ଟା ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଉନ୍ମୋଚିତ କରୁଥିବା ଜମ୍ବୁଥାନା ଅଧୀନ ରାମନଗରର ଅମିତାଭ ଚାନ୍ଦଙ୍କୁ ହତ୍ୟା ପାଇଁ ଚକ୍ରାନ୍ତ କରାଯାଉଛି। ଏକଥା ଜଣାପଡିବା ପରେ ସେ ନିଜର ସୁରକ୍ଷା ପାଇଁ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଚାନ୍ଦ କହିଛନ୍ତି, କିଛିଦିନ ହେବ ଜମି ଜାଲିଆତି ଘଟଣାକୁ ନେଇ ବିଭିନ୍ନ ତଥ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଜାତିଗତ ମାମଲା ମହାକାଳପଡା ତହସିଲ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ନିଦ ହଜାଇଦେଇଛି। ଏହି ବ୍ୟକ୍ତି କଳାହାଣ୍ଡି ଜିଲାର ଜଣେ ସାର୍ପସୁଟରଙ୍କ ଦ୍ୱାରା ମୋତେ ମାରିବା ପାଇଁ ଯୋଜନା କରିଥିବା କଥା ପଦାକୁ ଆସିଛି। ସେହିବ୍ୟକ୍ତିଙ୍କ ସମ୍ପର୍କରେ ହୋଇଥିବା ଅଡିଓ କ୍ଲିପିଂ ଥାନାରେ ପ୍ରଦାନ କରାଯାଇଛି। ସେହିପରି ସେ କହିଛନ୍ତି, ଜିଲାରେ ସୂଚନା ଅଧିକାର କର୍ମୀ ସୁରକ୍ଷିତ ନୁହନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ରଞ୍ଜନ ଦାସଙ୍କ ମୃତ୍ୟୁ ଅଦ୍ୟାବଧି ସନ୍ଦେହ ଘେରରେ। ନିକିରାଇ ଅଞ୍ଚଳର ସୂଚନା ଅଧିକାର କର୍ମୀ ମନୋରଞ୍ଜନ ଜେନା ପୋଲିସ ଦ୍ୱାରା ନିର୍ଯାତିତ ହୋଇଥିବା ଅଭିଯୋଗ ହୋଇଛି। ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି, ଚାନ୍ଦଙ୍କ ଅଭିଯୋଗ ପରେ ତଦନ୍ତ ଚାଲିଛି।

## ଏବେ ବି ଯାଜପୁର ଏସ୍‌ପି ଚରଣସିଂ ମୀନା




ଜିଲା ପ୍ରଶାସନ ଏବଂ ଓଡ଼ିଶା ପୋଲିସ ୱେବ୍‌ସାଇଟ୍‌ରେ ଥିବା ତଥ୍ୟ।

**ଜିଲା ପ୍ରଶାସନ, ଓଡ଼ିଶା ପୋଲିସ ୱେବ୍‌ସାଇଟରେ ବିଭ୍ରାନ୍ତକାରୀ ତଥ୍ୟ**

**ଯାଜପୁର ଅଫିସ,୨ା୧**

ରାଜ୍ୟ ସରକାର ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ସମୟାନୁବର୍ତ୍ତିତା, ସମ୍ମିଳିତ ଉଦ୍ୟମ ଓ ପରିବର୍ତ୍ତନ ଭଳି ୫-ଟି ଆଇନକୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଯାଜପୁର ଜିଲା ଏହି ସବୁଥିରେ କେତେ ପଛରେ ତାହା ଜିଲା ପ୍ରଶାସନ ଏବଂ ଓଡ଼ିଶା ପୋଲିସ ୱେବସାଇଟରେ ମିଳିଥିବା ବିଭ୍ରାନ୍ତିକାରୀ ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି। ଏସପି ଚରଣସିଂ ମୀନା ଗତ ୩ ଦିନ ହେଲା ଅର୍ଥାତ ୩୧।୧୨।୨୦୨୦ରେ ଯାଜପୁର ଏସ୍‌ପି ପଦବୀରୁ ବିଦାୟ ନେଇଥିବାବେଳେ ସେହିଦିନ ନୂତନ ଏସ୍‌ପି ଭାବେ ରାହୁଲ ପି.ଆର. ଯୋଗଦାନ କରିଛନ୍ତି। କିନ୍ତୁ ଯାଜପୁର.ଏନ୍‌ଆଇସି.ଇନ୍(ଯାଜପୁର ଜିଲା ୱେବସାଇଟ)ରେ ଶନିବାର ରାତି ୮ଟା ପର୍ଯ୍ୟନ୍ତ ପୂର୍ବତନ ଏସ୍‌ପି ମୀନାଙ୍କ ସମ୍ପର୍କିତ ଫଟୋ ଓ ତଥ୍ୟ ପରିବର୍ତ୍ତନ ହୋଇ ପାରିନାହିଁ। କିନ୍ତୁ ଭଦ୍ରକ.ଏନ୍‌ଆଇସି.ଇନ୍(ଭଦ୍ରକ ଜିଲା ୱେବସାଇଟ)ରେ ଏସ୍‌ପି ମୀନାଙ୍କ ଫଟୋ ଓ ତଥ୍ୟ ଦର୍ଶାଯାଇସାରିଛି। ଏଥିରୁ ଯାଜପୁର ଜିଲା ପ୍ରଶାସନର ୱେବ୍‌ସାଇଟ କେତେ ପଛରେ ତାହା ସହଜେ ଅନୁମେୟ। ଅନ୍ୟପକ୍ଷେ ଓଡ଼ିଶା ପୋଲିସ ୱେବ୍‌ସାଇଟରେ ମଧ୍ୟ ଶନିବାର ୭ଟା ୫୦ ସୁଦ୍ଧା ଉଭୟ ଭଦ୍ରକ ଓ ଯାଜପୁର ଜିଲାର ଏସପିଙ୍କ ତଥ୍ୟ ପରିବର୍ତ୍ତନ ହୋଇ ପାରିନାହିଁ। ଏହି ୱେବ୍‌ସାଇଟରେ ଭଦ୍ରକ ଜିଲା ଏସ୍‌ପିଭାବେ ପଣ୍ଡିତ ରାଜେଶ ଉତ୍ତମରାଓ ଏବଂ ଯାଜପୁର ଜିଲା ଏସପି ଭାବେ ମୀନାଙ୍କ ଫଟୋ ଓ ଅନ୍ୟାନ୍ୟ ତଥ୍ୟ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ସମସ୍ତ କାର୍ଯ୍ୟକ୍ରମ ତଥା ଅଧିକାରୀଙ୍କ ସମ୍ପର୍କରେ ସାଧାରଣ ଲୋକେ ଯେପରି ଜାଣିପାରିବେ, ତାହାକୁ ଦୃଷ୍ଟିରେ ରଖି ୱେବ୍‌ସାଇଟ କରାଯାଇଥିଲା। କିନ୍ତୁ ଯାଜପୁର ଜିଲା ପ୍ରଶାସନ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟକୁ ଅବମାନନା କରିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହି ୱେବସାଇଟ ଦାୟିତ୍ୱରେ ଥିବା ସଂପୃକ୍ତ ଅଧିକାରୀ ମଧ୍ୟ କେଉଁ ସ୍ୱାର୍ଥରେ ଆଖି ବୁଜି ଦେଇଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି।

*କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗ*

### ୩ କୋଚିଂ ସେଣ୍ଟର ଉପରେ ଚଢ଼ାଉ

**ନାଉଗାଁ,୨ା୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ କୋଭିଡ କଟକଣା ନିୟମ ଉଲ୍ଲଂଘନ କରାଯାଇ କୋଚିଂ ସେଣ୍ଟର ଚାଲିଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ନାଉଗାଁ ଥାନା ପକ୍ଷରୁ ସ୍ଥାନୀୟ ବଜାରରେ ଚାଲିଥିବା ୩ କୋଚିଂ ସେଣ୍ଟର ଉପରେ ଚଢ଼ାଉ କରାଯାଇ ବନ୍ଦ କରାଯାଇଛି। ଏଥିସହ ଜଣେ ସେଣ୍ଟର ମାଲିକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଉକ୍ତ କୋଚିଂ ସେଣ୍ଟରରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇ ସାମାଜିକ ଦୂରତ୍ୱ ନ ରଖି ପାଠପଢ଼ା ଯାଉଥିଲା ବୋଲି ଥାନାଧିକାରୀ ଭରତ କୁମାର ବେହେରା କହିଛନ୍ତି। କରୋନା ମହାମାରୀ ସଂକ୍ରମଣଠାରୁ ପିଲାଙ୍କୁ ଦୂରେଇ ରଖିବା ପାଇଁ ସାରା ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାର ବନ୍ଦ ରଖିଥିବା ବେଳେ ନାଉଗାଁ ବ୍ଲକରେ ଏହି ନିୟମ ନ ମାନି ଅନେକ କୋଚିଂ ସେଣ୍ଟର ଚାଲୁଛି। ଫଳରେ ଛାତ୍ରିଛାତ୍ର ସଂକ୍ରମିତ ହେବାର ଆଶଙ୍କା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ବାର୍‌ହା ମାଂସ ଜବତ, ଜଣେ ଗିରଫ

**ରାଜନଗର,୨ା୧(ଡି.ଏନ.ଏ.)**

ଶୁକ୍ରବାର ଗହୀରମଥା ରେଞ୍ଜ ରଟପଙ୍ଗ ନିକଟରେ ୧ କୁଇଣ୍ଟାଲ ଓଜନର ମୃତ ବାରହାକୁ ଜବତ କରାଯାଇଥିବା ବେଳେ ଶନିବାର ରାଜନଗର ରେଞ୍ଜ ପକ୍ଷରୁ ଚଢାଉ କରାଯାଇ ୧ କେଜି ବାରହା ମାଂସ ଜବତ କରାଯାଇଛି। ବ୍ରାହ୍ମଣସାହି ପଞ୍ଚାୟତ ପ୍ରହରାଜପୁର ଗାଁର ବିଚିତ୍ର ପ୍ରଧାନଙ୍କ ଘରୁ ଏହି ମାଂସ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୬ ଶିକାର ଫେରାର ଥିବା ରେଞ୍ଜ ଅଫିସର ଧନେଶ୍ୱର ରଥ କହିଛନ୍ତି । ମାଂସ କିଣିଥିବା ବ୍ୟକ୍ତିମାନଙ୍କୁ ଗିରଫ ପାଇଁ ବନବିଭାଗ ଚଢାଉ ଜାରି ରଖିଛି।

## କଂଗ୍ରେସ ପକ୍ଷରୁ ଶହୀଦ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର ଟାଉନ,୨ା୧(ଡି.ଏନ.ଏ.)**

କଳିଙ୍ଗନଗର ଗୁଳିକାଣ୍ଡର ଶହୀଦ ଆଦିବାସୀଙ୍କୁ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏନେଇ ଶନିବାର ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତଙ୍କ ଆହ୍ୱାନକ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଗାନ୍ଧୀ ଛକଠାରେ ଶ୍ରଦ୍ଧାଞ୍ଜଳି ଓ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ କର୍ମୀମାନେ ଯୋଗଦେଇ ଶହୀଦ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଗୁଳିକାଣ୍ଡ ପାଇଁ ଭାଜପା ଓ ବିଜେଡି ଦାୟୀ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ପଦ୍ମାକର ଗୁରୁ, ସନ୍ତୋଷ ନନ୍ଦ, ରାଜୀବ କୁମାର ମହାପାତ୍ର, ମନୋଜ ସାମଲ, ପ୍ରଶାନ୍ତ ସାହୁ, ଅକ୍ଷୟ ଶତପଥି, ବିଳାସ ରାଉତରାୟ, ସଂନ୍ତୋଷ ବେହେରା, ନିତାଇ ଚାନ୍ଦ ମହାନ୍ତି, ଗୋବିନ୍ଦ ସାହୁ, ବିଜୟ କୁମାର ମହାପାତ୍ର, ନୃସିଂହ ସାହୁ, ଏକାଦଶୀ ସେଠୀ, ସରୋଜ ନାୟକ, ସତ୍ୟବ୍ରତ ଗୁରୁ, ଶରଳେନ୍ଦୁ ପତି ଓ ଶିମାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା କଂଗ୍ରେସ କର୍ମୀ।

## ପାଣି ନେବାକୁ କେନ୍ଦ୍ର କରି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଓଡ଼ଗାଁ, ୨ା୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅର୍ନ୍ତଗତ ମଣିକପାଟଣା ବଡସାହିରେ କଳରୁ ପାଣି ନେବାକୁ କେନ୍ଦ୍ର କରି ଶନିବାର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । ସମ୍ପୃକ୍ତ ମହିଳାଙ୍କ ପିଚାରେ ଲୁହା ରଡ ପଶିଯାଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ଶନିବାର ସକାଳେ ମଣିକପାଟଣା ବଡସାହିର ଗୋକୁଳ ସାହୁଙ୍କ ଝିଅ ତାଙ୍କ ଘର ନିକଟ ସରକାରୀ କଳରୁ ପାଣି ନେବାକୁ ଆସିଥିଲେ । ହେଲେ କଳ ସମ୍ମୁଖ ଘରର ସଦସ୍ୟମାନେ ତାଙ୍କୁ ପାଣି ନେବାକୁ ବାରଣ କରିବା ସହ ଗାଳିଗୁଲଜ କରିଥିଲେ । ଏହା ଶୁଣି ଗୋଲକଙ୍କ ସ୍ତ୍ରୀ ମିନତି (୪୨) ପ୍ରତିବାଦ କରିବାରୁ ପାଣି ନେବାକୁ ବିରୋଧ କରୁଥିବା ପରିବାରର ୨ ମହିଳା ଓ ଜଣେ ଯୁବକ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ଏପରି କି ସେହି ଯୁବକ ଏକ ଲୁହା ରଡରେ ଆକ୍ରମଣ କରିବା ବେଳେ ତାହା ମିନତୀଙ୍କ ପିଚାରେ ପଶି ଯାଇଥିଲା । ପରିବାର ଲୋକେ ତାଙ୍କୁ ପ୍ରଥମେ ବାହାଡ଼ାଝୋଲାରେ ପ୍ରାଥମିକ ଚିକିତ୍ସା କରିଥିଲେ । ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏନେଇ ପରିବାର ଲୋକେ ପ୍ରଥମେ ଆଦର୍ଶ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ । ହେଲେ ସେମାନେ ବହୁ ସମୟ ଅପେକ୍ଷା କରିବା ପରେ ତାଙ୍କୁ ବାହାଡ଼ାଝୋଲା ଫାଣ୍ଡିରେ ଏତଲା ଦେବାକୁ କୁହାଯାଇଥିବା ଅଭିଯୋଗ ହୋଇଛି ।



ଆହତ ମିନତି ସାହୁ।

## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା,୨ା୧(ଡି.ଏନ.ଏ.)**

ଜେନାପୁର ଥାନା ଅଧୀନ ଚଢ଼େଇଧରା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଏଥିସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଆରୁହା ଗ୍ରାମର ଜଗା ସିଂ (୨୩)। ଗତ ୩୦ତାରିଖରେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଜଗା ଅପହରଣ କରିଥିବା ନାବାଳିକାଙ୍କ ବଡ଼ଭଉଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜେନାପୁର ପୋଲିସ ମାମଲା (ନଂ.୪୩୩।୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ପୋଲିସ ଆରୁହାରୁ ଜଗାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଶନିବାର ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଜଗାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ୬ଲେନ୍ ହେବ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ

**ଚଣ୍ଡିଖୋଲ,୨ା୧(ଡି.ଏନ.ଏ.):** ୫୩ ନମ୍ବର ଜାତୀୟ ରାଜପଥ ଓଡ଼ିଶାର ବ୍ୟସ୍ତବହୁଳ ରାଜପଥ ଭାବେ ପରିଗଣିତ। ଏହା ମଧ୍ୟରେ ରହିଛି ଚଣ୍ଡିଖୋଲ-ପାରାଦୀପ ୭୭ କିଲୋମିଟର ରାଜପଥ। ପୂର୍ବରୁ ଏହା ୪ ଲେନ୍ ବିଶିଷ୍ଟ ଥିଲା। ବର୍ତ୍ତମାନ ଏହାକୁ ୬ଲେନ୍ କରାଯିବ। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପାରାଦୀପରୁ ବିଦେଶକୁ ଜାହାଜ ମାଧ୍ୟମରେ ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ୍ ଓ କୋଇଲା ଆଦି ରପ୍ତାନି କରାଯାଉଛି। ସେଥିପାଇଁ ବହୁ ସମୟରେ ଏହି ଜାତୀୟ ରାଜପଥର ଚଣ୍ଡିଖୋଲରୁ ପାରାଦୀପ ମଧ୍ୟରେ ଅଚଳାବସ୍ଥା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜପଥକୁ ୬ଲେନ୍ କରାଯିବାକୁ ସର୍ଭେଚାଲିଛି। ତେବେ କେନ୍ଦ୍ର ସରକାରଙ୍କ ତରଫରୁ ଏହାକୁ ୮ଲେନ୍ ବିଶିଷ୍ଟ କରାଯିବା ଯୋଜନା ରହିଛି ବୋଲି ସୂଚନା ମିଳିଛି। ଯଦି ୮ ଲେନ୍ ରାଜପଥ ନିର୍ମାଣ କରାଯାଏ ତେବେ ଏହା ଓଡ଼ିଶାର ପ୍ରଥମ ୮ଲେନ୍ ବିଶିଷ୍ଟ ଜାତୀୟ ରାଜପଥର ମାନ୍ୟତା ପାଇବ। ଏହି ୫୩ ନମ୍ବର ଜାତୀୟ ରାଜପଥରେ କେନ୍ଦୁଝର, ସୁନ୍ଦରଗଡ଼ ଓ ଯାଜପୁର ଜିଲା ଖଣିରୁ ଦୈନିକ ୧୦ହଜାରରୁ ଉର୍ଦ୍ଧ୍ୱ ଟ୍ରକ୍ କେବଳ ଖଣିଜ ପଥର ପରିବହନ କରିଥାନ୍ତି। ପାରାଦୀପ ବନ୍ଦରରୁ ବିଦେଶକୁ ରପ୍ତାନି ହେଉଥିବା ଖଣିଜ ପଦାର୍ଥ ଏହି ରାସ୍ତା ଦେଇ ଯାଉଥିବାରୁ ରାଜପଥରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୁଏ। ରାଜପଥ ସମ୍ପ୍ରସାରଣ ପାଇଁ ୧୨ଶହ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଜାତୀୟ ରାଜପଥ ୫ଟି ବଡ଼ ନଦୀକୁ ଅତିକ୍ରମ କରିଛି। ତେଣୁ ରାସ୍ତାର ମହାନଦୀ, ଲୁଣା, ଗୋବରୀ, ବିରୁପା ଓ ଗେଙ୍ଗୁଟି ନଦୀ ଉପରେ ବଡ଼ ସେତୁ ନିର୍ମାଣ ହେବ। ଜୁନ ବେଳକୁ ଟେଣ୍ଡର ପ୍ରକ୍ରିୟା ହେବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଜାତୀୟ ରାଜପଥ ମୁଖ୍ୟ ମହାପ୍ରବନ୍ଧକ ରାମପ୍ରସାଦ ପଣ୍ଡା କହିଛନ୍ତି, ବର୍ତ୍ତମାନ ୬ଲେନ୍ ପାଇଁ ସର୍ଭେ ଚାଲିଛି। କିନ୍ତୁ ୮ଲେନ୍ ସର୍ଭେ ପାଇଁ ମଧ୍ୟ କୁହାଗଲାଣି। ଆବଶ୍ୟକ ପଡ଼ିଲେ ଏହା ୮ଲେନ୍ ମଧ୍ୟ କରାଯିବ।

**ସିହା ପଞ୍ଚାୟତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି**

## ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ

**ଯାଜପୁର ଅଫିସ,୨ା୧**

ଯାଜପୁର ଜିଲା ବଡଚଣା ବ୍ଲକ ସିହା ପଞ୍ଚାୟତ ଅଧୀନ ସିହା ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏନ୍‌ଜିଏନ୍‌ଆରଇଜିଏସ୍)ରେ ଖେଳପଡିଆ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । କେତେଜଣ ସ୍ୱଚ୍ଛଳ ବର୍ଗର ବ୍ୟକ୍ତିଙ୍କ ନାମରେ ଜବ୍‌କାର୍ଡ ଇସ୍ୟୁ କରି ଗରିବ ଶ୍ରମିକଙ୍କ ପେଟରେ ଲାତ ମାରିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏହି ଅନିୟମିତତାର ତଦନ୍ତକୁ ବଡଚଣା ବିଡିଓ ଚାପି ଦେବାକୁ ଉଦ୍ୟମ କରିଥିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ) ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହିତ ଗ୍ରହଣ କରି ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନିକ) ଗୋପୀନାଥ କୁଅଁର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ଅମୀୟ କୁମାର ପରିଡା, ଏଷ୍ଟିମେଟର ଦୀପକ କୁମାର ଆଚାର୍ଯ୍ୟ ଏବଂ ଜିଲା ସାମାଜିକ ଲେଖା ପରୀକ୍ଷକ(ଅଡିଟର) ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ବ୍ଲକ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଧରି ଶନିବାର ଖେଳପଡ଼ିଆ ନିର୍ମାଣ କାର୍ଯ୍ୟ ଯାଞ୍ଚ କରିଛନ୍ତି। ବିଡ଼ିଓଙ୍କ ତଦନ୍ତ ସମୟରେ ଅନ୍ୟ ସ୍ଥାନରୁ ଟ୍ରାକ୍ଟରରେ ବୁହାହୋଇ ସେଠାରେ ଗଦା ହୋଇ ରଖା ଯାଇଥିବା ମାଟି ସବୁକୁ ରାତି ଅଧିଆ ପ୍ରୋକ୍ଲିନ ମେଶିନ ଦ୍ୱାରା ପଡ଼ିଆ ସାରା ବିଛାଇ ଦେଇଥିଲେ ମଧ୍ୟ ତାହା ମେଶିନରେ ସମ୍ପାଦନ କରାଯାଇ ଥିବା ଯାଞ୍ଚ ସମୟରେ ଅଧିକାରୀମାନଙ୍କ ଆଖିରେ ପଡିଥିବା ସୂଚନା ମିଳିଛି। ଶୁକ୍ରବାର ରାତିରେ ହିଁ ମାଟି ବିଛା କାର୍ଯ୍ୟ ହୋଇଥିବାରୁ ପ୍ରୋକ୍ଲିନ ମେଶିନ ଓ ଟ୍ରାକ୍ଟର ଚକ ଚିହ୍ନ ସବୁ ଜଳ ଜଳ ହୋଇ ଦିଶୁଛି । ତଦନ୍ତକାରୀ ଅଧିକାରୀମାନେ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି।



ସିହା ଗ୍ରାମରେ ନିର୍ମାଣାଧୀନ ଖେଳପଡ଼ିଆ।

